BAGEESHA
ବାଗୀଶ
ତୃତୀୟ ବର୍ଷ, ଚତୁର୍ଥ ସଂଖ୍ୟା | ଜୁଲାଇ-ଅଗଷ୍ଟ ୨୦୨୫
Volume No. 03 | Issue No. 04 | Jul-Aug 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

ମାନସିଂହଙ୍କ ଦୃଷ୍ଟିରେ 'ସାରଳା ଦାସ'

ନିଲୋଫର୍ ପରୱିନ
ପ୍ରାକ୍ତନ ଛାତ୍ରୀ, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବିଶ୍ୱଭାରତୀ, ଶାନ୍ତିନିକେତନ, ପଶ୍ଚିମ ବଙ୍ଗ

RECEIVED : 28 JUN 2025
ACCEPTED : 25 AUG 2025
REVISED : 31 AUG 2025
PUBLISHED: 10 SEP 2025
ARTICLE QR CODE

DOI:10.70541/BAGEESHA/2025030405

Article No. BM2025/04-A005
Category : Research Article
Journal Home Page: https://bageesha.in
Support: editor.bageesha@gmail.com

BM2025/04-A005

ABSTRACT

ସାରାଂଶ

ମହାଭାରତ ମହାସମୁଦ୍ର ପରି ବିଶାଳ ଓ ଗଭୀର। ମହାସମୁଦ୍ର ଯେପରି ଲବଣାକ୍ତ ହୋଇଥିଲେ ସୁଦ୍ଧା ତା' ଗର୍ଭରେ ଗଚ୍ଛିତ କରି ରଖିପାରେ ଅମୃତ ସମେତ ନାନାଦି ଅମୂଲ୍ୟ ରତ୍ନ। ସେହିପରି ସାରଳା ମହାଭାରତ ତା'ର ସମସ୍ତ ଲୌକିକଲିପ୍ତତା ସତ୍ତ୍ୱେ ଆମକୁ ଦେଇଥାଏ ବିଶ୍ୱାସନୀୟ ବାସ୍ତବ ସମାଜର ରୀତିନୀତି ଓ ସଂସ୍କୃତିର ମଧୁର ପରିଚୟ। ରାଜକୀୟ ଜୀବନଠାରୁ ଆରମ୍ଭ କରି ସାଧାରଣ ଜୀବନସ୍ତରୀୟ ଉପାଦାନ ଏହାର ଅଙ୍ଗୀଭୂତ। ମୂଳ ମହାଭାରତର ଛାଂଚକୁ ଗ୍ରହଣ କରି ସାରଳା ମହାଭାରତ ସମ୍ପୂର୍ଣ୍ଣ ଏକ ନୂତନ ମହାଭାରତରେ ପରିଣତ ହୋଇଛି। ଦାସକବିଙ୍କ ପ୍ରତିଭା ଓ କଳ୍ପନା ବଳରୁ ଅନ୍ୟାନ୍ୟ ଦେଶୀୟ ଭାଷାରେ ରଚିତ ମହାଭାରତ ଅପେକ୍ଷା ଓଡ଼ିଆ ମହାଭାରତ ଆଜି ଦାବିକରେ ଏକ ମୌଳିକ ମହାଭାରତର ପରିଚୟ। ମୟାଧାର ମାନସିଂହ ସ୍ୱ ପୁସ୍ତକ 'ମାଟିର ମହାକବି ସାରଳା ଦାସ'ରେ ଏହି ପରିଚୟକୁ ଆମ ଆଗରେ ବଳିଷ୍ଠ ଭାବେ ଉପସ୍ଥାପନ କରିଛନ୍ତି। ତାହାର ବିଶ୍ଳେଷଣ ଉକ୍ତ ନିବନ୍ଧର ପ୍ରଧାନ ଲକ୍ଷ୍ୟ।

ମୂଳଶବ୍ଦ: ମହାଭାରତ, ସାରଳା ଦାସ, ମାଟିର ମହାକବି, ମୟାଧର ମାନସିଂହ, ଲୌକିକ, ଜାତୀୟ ମହାକାବ୍ୟ, ଓଡ଼ିଆ ସାହିତ୍ୟ, ଓଡ଼ିଆ ସଂସ୍କୃତି, ପରଂପରା।

ଉପକ୍ରମ: ଆଧୁନିକ ମୟାଧର ମାନସିଂହ ଜଣେ ପ୍ରସିଦ୍ଧ କବି ହେଲେ ବି ତାଙ୍କ ସାହିତ୍ୟ ଆଲୋଚନାରେ ପ୍ରତିଭାର ମୁଦ୍ରାଙ୍କନ ସ୍ପଷ୍ଟ। ତାଙ୍କଦ୍ୱାରା ଇଂରାଜୀ ଭାଷାରେ ରଚିତ 'ମାଟିର ମହାକବି ସାରଳା ଦାସ'(୧୯୫୮),' History of Oriya Literature'(୧୯୬୨), ଓଡ଼ିଆ ସାହିତ୍ୟର ଇତିହାସ(୧୯୬୭) ଓ Sarala Das (୧୯୭୮)ରେ ସେ ଆଦିକବି ସାରଳା ଦାସଙ୍କ ପ୍ରତିଭାର ଆକଳନ କରିବାକୁ ପ୍ରୟାସୀ ହୋଇଛନ୍ତି। କିନ୍ତୁ ଇଂରାଜୀରେ ରଚିତ ଓଡ଼ିଆ ସାହିତ୍ୟର ଇତିହାସ ରଚନା ପରିପ୍ରେକ୍ଷୀରେ ସେ ସାରଳା ମହାଭାରତର ଯେଉଁସବୁ ଆଲୋଚନା କରିଥିଲେ ତା'ର ଏକ ଅଭିବର୍ଦ୍ଧିତ ସଂସ୍କରଣ ହେଉଛି 'ମାଟିର ମହାକବି ସାରଳା ଦାସ' ପୁସ୍ତକ। ଏହି ଗ୍ରନ୍ଥ ଆମ ଆଲୋଚନାର ପ୍ରମୁଖ ଆଧାର। ମୟାଧର ମାନସିଂହଙ୍କ 'ମାଟିର ମହାକବି ସାରଳା ଦାସ' ପ୍ରଥମେ ପ୍ରକାଶ ପାଏ ୧୯୫୮ ମସିହାରେ। ସମଗ୍ର ପୁସ୍ତକଟି ସ୍ରଷ୍ଟା ସାରଳା ଦାସଙ୍କୁ ନେଇ ରଚିତ। ସାରଳା ଦାସଙ୍କୁ 'ମାଟିର ମହାକବି' ଭାବେ ଚିହ୍ନାଇବାରେ ମାନସିଂହ ପ୍ରଥମ ପ୍ରମୁଖ ସମାଲୋଚକ। ଏହା ପୂର୍ବରୁ ଆଦିକବିଙ୍କୁ ନେଇ ସମୀକ୍ଷା ଯେ ହୋଇନାହିଁ, ତାହା ନୁହେଁ। କିନ୍ତୁ ସାରଳା ଦାସଙ୍କୁ ମାଟିର ମହାକବି ବା କୃଷକ କବିର ପରିଚୟରେ ଗୌରବାନ୍ୱିତ କରିଥିବା ପ୍ରଥମ ପ୍ରମୁଖ ଆଲୋଚକ ମୟାଧର ମାନସିଂହ। ମହାକବିଙ୍କ ମହାଭାରତ ଓ ସ୍ୱୟଂ ମହାକବିଙ୍କୁ ନେଇ ପଣ୍ଡିତ ମହଲରେ ବହୁ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା ସମାଲୋଚନା ହୋଇଛି, ଯାହା ଆଲୋଚକ ମାନସିଂହ ପଠନ କରିଥିଲେ। ଲେଖକ ସ୍ୱୀକାର କରନ୍ତି, ସେ ବାଲ୍ୟାବସ୍ଥାରେ ମୃତ୍ୟୁଞ୍ଜୟ ରଥଙ୍କଦ୍ୱାରା ରଚିତ 'ଶାରଳା ଚରିତ'କୁ ଏକ ଜୀବନୀ ଭାବରେ କେବଳ ଅଧ୍ୟୟନ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଓଡ଼ିଆ ସାହିତ୍ୟର ଇତିହାସ ଲେଖିବାର ଦାୟିତ୍ୱ ମୁଣ୍ଡରେ ପଡ଼ିଲାରୁ ସେ ପ୍ରସିଦ୍ଧ ଓଡ଼ିଆ କବି ଓ ତାଙ୍କ ରଚନା ମହାଭାରତକୁ ଚିହ୍ନିବାର ଚେଷ୍ଟା କଲେ। ସାରଳା ମହାଭାରତର ବୈଶିଷ୍ଟ୍ୟକୁ ବୁଝିବା ନିମନ୍ତେ ପ୍ରଥମ ପଥପ୍ରଦର୍ଶକ ରୂପେ ତାଙ୍କର ସହାୟକ ହୁଏ ଗୋପୀନାଥ ନନ୍ଦଶର୍ମାଙ୍କ 'ଶ୍ରୀଭାରତ ଦର୍ପଣ'।

ବିଷୟର ଆଲୋଚନା: ଆଲୋଚକ ମାନସିଂହ ଯେଉଁ ସମୟରେ ଦେଶୀୟ କବି ସାରଳାଙ୍କୁ ଚିହ୍ନିବାରେ ଓ ଦେଶୀୟ

VOL NO 03 ISSUE NO 04

ଲୋକଙ୍କୁ ତାଙ୍କୁ ଚିହ୍ନାଇଦେବାର ପ୍ରୟାସ କରନ୍ତି, ସେତେବେଳେ ସେ ଦେଖନ୍ତି ଓଡ଼ିଆ ସାହିତ୍ୟରେ ସାରଳା ଦାସଙ୍କୁ ନେଇ ବେଶ୍ ଉତ୍ସାହ ଓ ଉତ୍ତେଜନା ପ୍ରକାଶ ପାଇଛି। ଶ୍ରୀଯୁକ୍ତ ଗୋପୀନାଥ ମହାନ୍ତି ଦାସକବିଙ୍କ ଜନ୍ମସ୍ଥାନ ଓ ଜନ୍ମକାଳକୁ ନେଇ ଆମ୍ଭମାନଙ୍କର ସମସ୍ତ ପୂର୍ବ ଧାରଣା ଉପରେ ପ୍ରଶ୍ନ ଉଠାଇବାରେ ବ୍ୟସ୍ତ। ସେହିପରି ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଆଉ ଏକ ଦିଗରୁ ଆଲୋଚନା କରି ସାରଳା ମହାଭାରତରେ ଓଡ଼ିଶାର ଚତୁର୍ଦ୍ଦଶ-ପଂଚଦଶ ଶତାବ୍ଦୀର ଇତିହାସର ପ୍ରଚ୍ଛନ୍ନ ଅବସ୍ଥାନକୁ ଉଦ୍‌ଘାଟନ କରିଛନ୍ତି। ଆଲୋଚକ ମାନସିଂହ ତାଙ୍କର ଆଲୋଚନା ପୁସ୍ତକ 'ମାଟିର ମହାକବି ସାରଳା ଦାସ'ରେ କୁହନ୍ତି-"ସାରଳା ଦାସଙ୍କ ଉପରେ ଓଡ଼ିଆରେ ଯାହା କିଛି ଲେଖାହୋଇଛି, ଲେଖକ ତାହା ପଢ଼ିଛି କିନ୍ତୁ ସେ ଦେଖିଲା ଯେ ନାନା ଆଲୋଚନାର ଗଣ୍ଡଗୋଳ ଭିତରେ ବିଚାରା ସାହିତ୍ୟିକ ସାରଳା ଦାସ ଏକାବେଳକେ ବିସ୍ମୃତ। ଏ ଦିଗରେ ପଣ୍ଡିତ ନନ୍ଦଶର୍ମା ସାମାନ୍ୟ ସୂଚନା ଦେଇଯାଇଥିଲେ ମାତ୍ର । କିନ୍ତୁ ସାହିତ୍ୟ ସ୍ରଷ୍ଟା ଭାବରେ ସାରଳା ଦାସଙ୍କୁ ଆମେ କିପରିଭାବରେ ଦେଖିବା, ତା'ର ଆଲୋଚନାର ଚେଷ୍ଟା ମଧ୍ୟ ହୋଇନାହିଁ।"[୧] ତେଣୁ ଅଲୋଚକ ଏହି ଗ୍ରନ୍ଥରେ ମହାକାବ୍ୟର ରଚୟିତା ଭାବରେ କବିଙ୍କର ବୈଶିଷ୍ଟ୍ୟ କ'ଣ ତାହା ଦେଖାଇବାକୁ ଚେଷ୍ଟା କରିଛନ୍ତି। ଡ. ମାନସିଂହ ତାଙ୍କର ଏହି ଆଲୋଚନା ପୁସ୍ତକରେ କବି ସାରଳାଙ୍କ ସମୟ, ଜନ୍ମସ୍ଥାନ, ଜାତି, ଗୋତ୍ର, ଭାଷା, ଛନ୍ଦ, ଗ୍ରନ୍ଥର ନାମକରଣ, ପର୍ବ ବିଭାଜନ, ଐତିହାସିକ ଓ ଭୌଗୋଳିକ ଦିଗକୁ ଆଲୋଚନା ପରିସରଭୁକ୍ତ କରିନାହାନ୍ତି। କିନ୍ତୁ ସେ ଦେଖାଇଛନ୍ତି ମହାକବି ଓଡ଼ିଆ ଭାଷାକୁ କ'ଣ ଦେଇଯାଇଛନ୍ତି, କ'ଣ ଦେଇଯାଇ ପାରିନାହାନ୍ତି ଓ କାହିଁକି? ଏହି ସମଗ୍ର ଆଲୋଚନା ପୁସ୍ତକର କାୟା ସାତଟି ପରିଚ୍ଛେଦରେ ସମାପ୍ତ। ତାଙ୍କ ଆଲୋଚନା ମହାକବି ସାରଳା ଦାସ, ଗଙ୍ଗା-ଶାନ୍ତନୁ, ଦ୍ରୌପଦୀ, ସାରଳା ଦାସଙ୍କ ସ୍ମୃତିପୂଜା, ପ୍ରତ୍ୟକ୍ଷ ଅନୁଭବର କବି ସାରଳା ଦାସ ପ୍ରଭୃତି ଶୀର୍ଷକରେ ଗତିଶୀଳ। ସାରଳା ମହାଭାରତର ଆଲୋଚନାରେ ଶ୍ରୀଯୁକ୍ତ ନନ୍ଦଶର୍ମା ଯେଉଁ ଚାରୋଟି ପ୍ରମୁଖ ସୂତ୍ର ଦେଇଯାଇଛନ୍ତି, ମାନସିଂହଙ୍କ ଆଲୋଚନାଧାରାରେ ତାହାର ଛାୟାପାତ ଲକ୍ଷ୍ୟ କରିହୁଏ। ମୂଳ ସହ ସାରଳାଙ୍କ ତୁଳନା ଏବଂ ସାରଳାଙ୍କ ବୈଶିଷ୍ଟ୍ୟ ପ୍ରତିପାଦନ ଏହାର ପ୍ରମାଣ।

ଆଲୋଚକ ମାନସିଂହ ପ୍ରଥମ ପରିଚ୍ଛେଦ 'ମହାକବି ସାରଳା ଦାସ'ରେ ଦର୍ଶାଇଛନ୍ତି- କବି ସାରଳା ଦାସ ସଂସ୍କୃତ ପଣ୍ଡିତ ନୁହନ୍ତି, ସେ କେବଳ ମାତୃଭାଷା ଜାଣିଥିବା ଜଣେ ସାଧାରଣ ଚାଷୀ ବା କୃଷକ। ଅଧିକନ୍ତୁ ସମଗ୍ର ଭାରତବର୍ଷରେ କେବଳ ମାତୃଭାଷା ଜାଣିଥିବା କୌଣସି ବ୍ୟକ୍ତି ମହାଭାରତ ପରି ମହାକାବ୍ୟ ଲେଖିନାହାନ୍ତି। ପୁଣି ଆଲୋଚକ କହନ୍ତି, ଦାସ କବି ଅପଣ୍ଡିତ ହେଲେ ହେଁ ତାଙ୍କଦ୍ୱାରା ରଚିତ ମହାଭାରତ ଅନ୍ୟ ଯେକୌଣସି ଦେଶୀୟ ଭାଷାରେ ଲିଖିତ ମହାଭାରତଠାରୁ ନ୍ୟୁନ ନୁହେଁ। ବରଂ ଅନ୍ୟ ମହାଭାରତ ସବୁ ଊଣାଅଧିକେ ମୂଳ ମହାଭାରତର ପ୍ରତିବିମ୍ବ। କିନ୍ତୁ ସାରଳାଙ୍କ ଓଡ଼ିଆ ମହାଭାରତ ସ୍ୱକୀୟ ମହିମାରେ ଆଜି ଏକ ମୌଳିକ ରଚନାର ଦାବି କରେ। ମାନସିଂହ କହନ୍ତି- "ଚଷାପୁଅ ସିଦ୍ଧେଶ୍ୱର ପରିଡ଼ା ଝଙ୍କଡ଼ ଗ୍ରାମରେ ମାଟି ଚାଷ କରିବା ସଙ୍ଗେ ସଙ୍ଗେ, ଜନ୍ମ ହୋଇଥିଲା ତା'ର ଅଜ୍ଞାତ, ଅବଜ୍ଞାତ ଭାଷାକୁ ମଧ୍ୟ ଚାଷ କରି ଥୋଇଯିବ ବୋଲି କାବ୍ୟର ଏକ ବିରାଟ ଶାଶ୍ୱତ ଧାନଗଦା।"[୨]

ଆଲୋଚକ ଏଠାରେ ସ୍ପଷ୍ଟ ରୂପେ କହିବାକୁ ଚେଷ୍ଟା କରିଛନ୍ତି ଓଡ଼ିଶା ମାଟିର କବି ହେଉଛନ୍ତି ସାରଳା ଦାସ ଓ ତାଙ୍କର ମହାଭାରତ ଓଡ଼ିଶା ମାଟିର ମର୍ମବାଣୀ ବୟାନ କରେ। ମହାଭାରତର ଉଦ୍ଦେଶ୍ୟରେ କୁହାଯାଇଥାଏ-ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ। ଅର୍ଥାତ୍ ମହାଭାରତରେ ଯାହା ନାହିଁ , ତାହା ଭାରତବର୍ଷରେ ମଧ୍ୟ ନାହିଁ। ସାରଳା ମହାଭାରତ କ୍ଷେତ୍ରରେ ଭାରତବର୍ଷର ବ୍ୟାପକତାକୁ ଓଡ଼ିଶା ପରିପ୍ରେକ୍ଷୀ ସହ ସମତୁଲ କରି ଆମକୁ ଦେଖିବାକୁ ହେବ। ସାରଳା ମହାଭାରତ କେବଳ କୁରୁ-ପାଣ୍ଡଙ୍କ ଯୁଦ୍ଧର ଗାଥା ନୁହେଁ, ଏହା ଓଡ଼ିଆ ଜାତିର ପ୍ରକୃତ ଓ ପ୍ରକୃଷ୍ଟ ଜାତୀୟ ମହାକାବ୍ୟ – ଏକାଧିକ ପ୍ରସଙ୍ଗ ବ୍ୟବହାର କରି ମାୟାଧର ମାନସିଂହ ଏହାକୁ ପ୍ରମାଣ କରିବାକୁ ପ୍ରୟାସ କରିଛନ୍ତି। ସାରଳା ମହାଭାରତରେ ହରି ସାହୁ କନ୍ୟା ସୁହାଣୀ ପ୍ରସଙ୍ଗକୁ ନେଇ ସାରଳା ଦାସ ସମାଲୋଚନାର ଶରବ୍ୟ ହୋଇଛନ୍ତି। ଆପଣା ଗ୍ରନ୍ଥରେ ଧର୍ମରାଜ ଯୁଧିଷ୍ଠିରଙ୍କୁ ବୃଦ୍ଧ ବୟସରେ ସ୍ୱର୍ଗାରୋହଣ ଯିବାବେଳେ ବିବାହ କରାଇ ସାରଳା ଦାସ ତାଙ୍କୁ ଏକ କାମାସକ୍ତ ପୁରୁଷ ଭାବେ ଚିତ୍ରଣ କରିଛନ୍ତି ବୋଲି କେତେକଙ୍କ ମତ। ଲେଖକ ଏପରି ବିଚାରକୁ ବିରୋଧ କରିଛନ୍ତି। ତାଙ୍କ ମତରେ ଏ ସବୁ ଚିନ୍ତାଧାରା ସାରଳା ମହାଭାରତକୁ ଏକ ନିକୃଷ୍ଟ ଗ୍ରନ୍ଥ ଭାବେ ପ୍ରମାଣ କରିବ ପାଇଁ ଅଭିପ୍ରେତ। କିନ୍ତୁ ତତ୍ତ୍ୱ ଓ ସତ୍ୟ ଆଦୌ ତାହା ନୁହେଁ । ନିଜର ପୁଣ୍ୟ ପ୍ରଭାବରେ ସୁହାଣୀକୁ କେବଳ ଯମ ମୁହଁରୁ ବଂଚାଇବା ପାଇଁ ଅନ୍ୟ ଭ୍ରାତାମାନଙ୍କ ଅନୁରୋଧ କ୍ରମେ ସେ ତାକୁ ବିବାହ କରିଛନ୍ତି। ଜଣେ ଅଜ୍ଞାତ ଅବଜ୍ଞାତ ଲୋକର ଉପକାର ପାଇଁ ଧର୍ମପ୍ରାଣ ପାଣ୍ଡବ ଭାଇମାନେ କ'ଣ କରିପାରନ୍ତି, ଏଇ ହରିସାହୁ ଘଟଣା ତା'ର ଏକ ଚରମ ଦୃଷ୍ଟାନ୍ତ। ଏବଂ ଏହା ସହ କବି ବରେଣ୍ୟ ପୁରୁଷ ଯୁଧିଷ୍ଠିରଙ୍କ ଚରିତ୍ର ମାଧ୍ୟମରେ ଦର୍ଶାଇଛନ୍ତି କ୍ଷତ୍ରିୟ ଓ ବୈଶ୍ୟ କନ୍ୟାର ବିବାହ ଦେଇ ଜାତି ପ୍ରଥାର ବିଲୋପ ଓ ନିମ୍ନସ୍ଥ ପାଟକଜାତିର ଉନ୍ନୟନର ରାସ୍ତା। ହରି ସାହୁ ଯମଠାରୁ ନିଜ ପାଇଁ ବର ପ୍ରାପ୍ତିର ଆଶା କରିନାହିଁ ସାଧାରଣ ମଣିଷଙ୍କ ପରି, ସେ ବର ମାଗିଛି ନିଜ ଜାତିର କଲ୍ୟାଣ ପାଇଁ। ଏହି ମହନୀୟତା କବି ସାରଳା ଦାସ ମହାଭାରତର ସ୍ୱର୍ଗାରୋହଣ ପର୍ବରେ ହରିସାହୁ ସୁହାଣୀ କନ୍ୟା ବିବାହ ପ୍ରସଙ୍ଗରେ ଦର୍ଶାଇଛନ୍ତି ବୋଲି ଆଲୋଚକ ଯୁକ୍ତି କରନ୍ତି।

ଅଧିକନ୍ତୁ ଓଡ଼ିଶାର ଶୂଦ୍ରକବି ସାରଳା ଦାସ କିପରି ଦ୍ୱାପର ଯୁଗର ଶ୍ରୀକୃଷ୍ଣଙ୍କୁ କଳିଯୁଗର ଅବତାର ଜଗନ୍ନାଥଙ୍କ ସହ ସମୀକୃତ କରିଛନ୍ତି ତାହା ନିଜ ଆଲୋଚନାରେ ଆଲୋଚକ ମାନସିଂହ ଦର୍ଶାଇଛନ୍ତି । ଅନେକଙ୍କର ଧାରଣା ସାରଳା ଦାସଙ୍କ ଲେଖନୀରେ ମୂଳ ମହାଭାରତର ଆଦର୍ଶ ଚରିତ୍ର ସବୁ ନୀଚ, ଦୋଷଦୁଷ୍ଟ ଓ ସାଧାରଣ ହୋଇପଡ଼ିଛି। କିନ୍ତୁ ପ୍ରତ୍ୟେକଟି ଚରିତ୍ରକୁ ମୂଳ ଓ ସାରଳା ମହାଭାରତ ସହ ମିଶାଇ ଦେଖିଲେ ଏପ୍ରକାରର ମନ୍ତବ୍ୟ ବା ବିଚାରର ଅସାରତା ପ୍ରମାଣିତ ହୋଇପାରିବ ବୋଲି ଆଲୋଚକଙ୍କ ମତ। ଏପରି ପ୍ରଚେଷ୍ଟା ଆଂଶିକ ହୋଇଥିଲେ ବି ଏକ ପୂର୍ଣ୍ଣାଙ୍ଗ ଆଲୋଚନା ଏଯାବତ

DOI: 10.70541/BAGEESHA/2025030405

VOL NO 03 ISSUE NO 04

ହୋଇପାରିନାହିଁ। ମାନସିଂହ ନିଜ ଆଲୋଚନାରେ ଉଭୟ ମହାଭାରତର କେତୋଟି ଚରିତ୍ର ଓ ପ୍ରସଙ୍ଗକୁ ଆଧାର କରି ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିଛନ୍ତି।

ଆଶ୍ରମିକପର୍ବରେ ଜରାଜୀର୍ଣ୍ଣ ଧୃତରାଷ୍ଟ୍ର ଓ ଗାନ୍ଧାରୀ ବାନପ୍ରସ୍ଥ ଗ୍ରହଣ କରି ବନଗମନ କରିବାକୁ ବାହାରନ୍ତି। କୁନ୍ତୀ ସେମାନଙ୍କ ସାଥି ହେବାକୁ ଆଗ୍ରହ ପ୍ରକାଶ କରନ୍ତି। କୁନ୍ତୀଙ୍କ ଯଶସ୍ୱୀ ପୁତ୍ରମାନେ ଏହା ଗ୍ରହଣ କରିପାରନ୍ତି ନାହିଁ। ସେମାନେ ଏହାର ବିରୋଧ କରନ୍ତି। କିନ୍ତୁ ମାତା କୁନ୍ତୀ ସେମାନଙ୍କୁ ବୁଝାଇବାକୁ ଯାଇ କହନ୍ତି- ତାଙ୍କ ଜୀବନରେ ଆଉ କି ସୁଖ ଅଛି, କର୍ଣ୍ଣ ପରି ପୁଅ ମଲା, ଅଭିମନ୍ୟୁ ପରି ନାତି। ଗୋଟାଏ ଯୁଦ୍ଧରେ ସମସ୍ତ ପରିଜନଙ୍କ ପ୍ରାଣ ନାଶ ଗଲା। ସେ ଆଉ କି ସୁଖ ଭୋଗ କରିବେ ଏଠି ରହି? ଅନ୍ଧ ଅନ୍ଧୁଣୀ ହେବା ସତ୍ତ୍ୱେ ଗାନ୍ଧାରୀ ଧୃତରାଷ୍ଟ୍ର ବାନପ୍ରସ୍ଥ ମାର୍ଗକୁ ଆପଣେଇଛନ୍ତି। ବଣରେ କେହିଜଣେ ତାଙ୍କ ସାଥୀରେ ରହିବା ତ ଦରକାର। ସେ ସାଥିରେ ଗଲେ ତାଙ୍କର ଏତିକି ହେଲେ ତ ସେବା ସେ କରିପାରିବେ।[୩] ଏହି ସବୁ ନିପଟ ଘରୋଇ ବାକ୍ୟ ଅଥଚ ମର୍ମସ୍ପର୍ଶୀ ମହନୀୟ ଚିତ୍ର ମୂଳ ମହାଭାରତରେ ନାହିଁ। ଦାସକବି ଏଠାରେ ଏକ ଦରଦୀ ଓ କର୍ତ୍ତବ୍ୟନିଷ୍ଠ ଖାଂଟି ଆଦର୍ଶ ଓଡ଼ିଆ ଘରର ବୋହୂ ରୂପେ କୁନ୍ତୀ ଚରିତ୍ରକୁ ନିର୍ମାଣ କରିଛନ୍ତି, ଯାହା ମୂଳ ମହାଭାରତରେ ଆମେ ଆଦୌ ପାଇବା ନାହିଁ। ସାରଳା ଦାସ ଭୀମ ଚରିତ୍ରକୁ ହୁଣ୍ଡାଗୁଣ୍ଡା ରୂପେ ଚିତ୍ରିତ କରିଛନ୍ତି ବୋଲି କେତେକ ଆଲୋଚକଙ୍କ ମତ। କିନ୍ତୁ ଭୀମ ଚରିତ୍ରର ମହନୀୟତାକୁ ମାନସିଂହ ସ୍ୱର୍ଗାରୋହଣ ପର୍ବର କେତେକ ଉଦାହରଣ ଦେଇ ସାବ୍ୟସ୍ତ କରନ୍ତି। ଏହିପରି ଆଉ କେତୋଟି ଚରିତ୍ରର ଉଦାହରଣ ମଧ୍ୟ ଆଲୋଚକ ଦେଇଛନ୍ତି। ସେ ଦୃଢ଼ ଭାବେ କହନ୍ତି, ସାରଳାପ୍ରତିଭା କେତେକ ସ୍ଥଳରେ ମୂଳର ଚରିତ୍ର ଚିତ୍ରଣକୁ ଯଦି ବା ବିକୃତ କରିଥାଏ, ଅନେକତ୍ର ସେସବୁକୁ ମଧୁରତର, ମହନୀୟତାର ଓ ବାସ୍ତବତାର ମଧ୍ୟ କରିଛି। ଏହା ସ୍ୱୀକାର ନକରିବା କେବଳ ମତାନ୍ଧତାର ପରିଚୟ ଦେବ।

ଗଙ୍ଗା-ଶାନ୍ତନୁ ପରିଚ୍ଛେଦରେ ଲେଖକ ପ୍ରଶ୍ନ କରନ୍ତି- ଶୁଦ୍ରକବି ନିଜର କ୍ଷମତା ଅଭାବରୁ ସଂସ୍କୃତ ମହାଭାରତର ତୁଙ୍ଗ ଅଧିତ୍ୟକାକୁ ଉଠି ନପାରି ନିମ୍ନସ୍ଥ ପରିଚିତ ଧାନକ୍ଷେତ, ଗାଁଦାଣ୍ଡ, ନଈଘାଟର ଉପତ୍ୟକାରେ ରହିଗଲେ- ଏହା ତାଙ୍କ ଅକ୍ଷମତା ନା ଉଦ୍ଦେଶ୍ୟ ପ୍ରଣୋଦିତ? କବି ଅନେକ କ୍ଷେତ୍ରରେ ନିଜକୁ ଅପଣ୍ଡିତ ଓ ମୂର୍ଖ ବୋଲି ପରିଚିତ କରାନ୍ତି। ଆଲୋଚକ ଏହାକୁ ସତ୍ୟ ପ୍ରଣୋଦିତ ସ୍ୱୀକାରୋକ୍ତି ସହ ତାଙ୍କର ବିନୟୋକ୍ତି ବୋଲି ମନେକରନ୍ତି। ଶାନ୍ତନୁ ଓ ଗଙ୍ଗା ବିବରଣୀକୁ ଆଲୋଚକ ମୂଳ ଓ ସାରଳା ସହ ତୁଳନା କରି ଦେଖାଛନ୍ତି, ମୂଳର ଗଙ୍ଗା ଶିବପତ୍ନୀ-ସ୍ୱୟଂ ପତିତପବନୀ ନଦୀ –ମୋକ୍ଷଦାତ୍ରୀ। ମାତ୍ର ମହାଭାରତରେ ସେ ଚନ୍ଦ୍ରବଂଶୀ ରାଜା ଶାନ୍ତନୁଙ୍କ ପତ୍ନୀ ଓ ଭୀଷ୍ମଙ୍କ ଜନନୀ ଭାବରେ ବିଖ୍ୟାତ। ଆଲୋଚକ ଏଠରେ ପ୍ରଶ୍ନ ଉଠାନ୍ତି- ଶିବପତ୍ନୀ ହୋଇ ଗଙ୍ଗା କିପରି ମର୍ତ୍ୟର ଜଣେ ରାଜାଙ୍କୁ ବିବାହ କରିଥିଲେ? ପୁଣି ନିଜ ପୁତ୍ରଙ୍କୁ ଜଳ ସମାଧି ଦେଇପାରିଲେ? ପ୍ରେମଶୀଳା ପତ୍ନୀ ହୋଇ ସ୍ୱାମୀକୁ ଛାଡ଼ି ଚାଲିଗଲେ? ଏହି ସବୁ ଘଟଣା ବାସ୍ତବ ତଥା ଲୌକିକ ବିଚାରରେ ରକ୍ତମାଂସହୀନ କେବଳ ଏକ ଗାଳ ଗଳ୍ପ ବୋଲି ମନେହୁଏ। ତେଣୁ ମାନସିଂହ ବିଚାରରେ ମୂଳ ମହାଭାରତଠାରୁ ସାରଳାଙ୍କ ଗଙ୍ଗା-ଶାନ୍ତନୁ ଅଧିକ ଲୌକିକ ଓ ବାସ୍ତବ ମନେହୁଅନ୍ତି। ଏଠାରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଯେ ସାରଳା ଦାସ ଜାଣିଶୁଣି କାହିଁକି ଗଙ୍ଗାଙ୍କ ପରି ମହୀୟସୀ ପବିତ୍ର ନାରୀ, ମୋକ୍ଷ ପ୍ରଦାନକାରୀ ଦେବୀ ଚରିତ୍ରକୁ ନିଜ କଳ୍ପନାରେ ଉଗ୍ର ଓ କଳିହୁଡ଼ୀ କରି ଅଙ୍କନ କଲେ। "ଗଙ୍ଗା ବୋଲିଣ ତୁ ବୋଲୁଥିବୁ ଅନୁବ୍ରତେ/ ଗାଙ୍ଗୀ ବୋଇଲେ ନ ଥାଇଟି ପୂରୋଇ ମୋରବ୍ରତେ"[୪]- ଏହି ବାକ୍ୟ ପଛର ଉଦ୍ଦେଶ୍ୟ କ'ଣ କେବଳ ଗଙ୍ଗା ଚରିତ୍ରକୁ ଲୌକିକ କରିବାକୁ ଅଭିପ୍ରେତ- ତାହା ବିଚାର୍ଯ୍ୟ। ଏଇଠି ମନେପଡ଼େ ଆମ କାନ୍ଦଣାଗୀତରୁ ପଙ୍କ୍ତିଟିଏ -"ଘୁଷୁରୀ ବେକରେ ମୁକୁତାମାଳ ଲୋ ବୋଉ"। ପିତା ନିର୍ଘାତଙ୍କ ସତ୍ୟବଚନକୁ ଲଂଘିନପାରି ସତ ଅନିଚ୍ଛା ସତ୍ତ୍ୱେ ଶିବପ୍ରେୟସୀ ଗଙ୍ଗା ଶାନ୍ତନୁଙ୍କୁ ବିବାହ କରିଥିଲେ। ଶାନ୍ତନୁ ଓ ଗଙ୍ଗାଙ୍କ ଭିତରେ କୌଣସି ତୁଳନା ସମ୍ଭବ ନୁହେଁ। ଜଣେ ଦେବୀ, ଆଉ ଜଣେ ମର୍ତ୍ତ୍ୟର ରାଜା। ଏକ ଅସନ୍ତୁଳିତ ବିବାହ ବନ୍ଧନ ଗଙ୍ଗାଙ୍କ ପରବର୍ତ୍ତୀ ଚରିତ୍ର ଓ ପ୍ରତିକ୍ରିୟାକୁ ଯେପରି ପ୍ରଭାବିତ କରିଛି ତାହାର ଉଦାହରଣ ଆମ ସମାଜରେ ଅପ୍ରତୁଳ ନୁହେଁ।

ପୁନଶ୍ଚ ଦ୍ରୌପଦୀ ଚରିତ୍ର ଦେଇ ଲେଖକ ଦ୍ରୌପଦୀର ସ୍ୱୟଂବର ସଭାଠାରୁ ଆରମ୍ଭ କରି ଆଳଂକାରିକ ପରିପାଟୀ ଓ ରାଜସଭାରେ ହିଡ଼ିମ୍ବିକା ସହ ସପତ୍ନୀ ପରି କଳିଗୋଳ , ପୁତ୍ରମାନଙ୍କୁ ଅଭିଶାପ ଦେବାନେବା ପ୍ରସଙ୍ଗ ସାରଳାଙ୍କ ସ୍ୱୟ ପରିକଳ୍ପନା। ଏହିପରି ବିଷୟ-ନିର୍ମାଣ ମୂଳ ଗ୍ରନ୍ଥରେ କେଉଁଠି ପରିଦୃଷ୍ଟ ହୁଏ ନାହିଁ। ବନପର୍ବର ସତ୍ୟଆତ୍ମ ଉପାଖ୍ୟାନରେ ଦ୍ରୌପଦୀ କହୁଛନ୍ତି- "ଏ ମୋହର ଯଦ୍ୟପି ଅଛନ୍ତି ପଂଚପତି/ ଏମାନେ ଥାନ୍ତେ ମୋହର କର୍ଣ୍ଣେ ବଳେ ମତି।"[୫] ଦ୍ରୌପଦୀଙ୍କ ଏହି ସ୍ୱୀକାରୋକ୍ତିକୁ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ପ୍ରଭୃତି ଭଲ ଆଖିରେ ଦେଖିନାହାନ୍ତି। ଲେଖକ ମୃତ୍ୟୁଞ୍ଜୟ ରଥଙ୍କ କଥାକୁ ଖଣ୍ଡନ କରି ପ୍ରଶ୍ନ କରନ୍ତି - ଯେ ପାଂଚ ସ୍ୱାମୀର ସତୀ, ସେ ଷଷ୍ଠ ସ୍ୱାମୀରେ ଅସତୀ କାହିଁକି? ମୂଳ ଭାରତରେ ଶ୍ରୀକୃଷ୍ଣ ଯୁଦ୍ଧ ଆରମ୍ଭ ପୂର୍ବରୁ କର୍ଣ୍ଣକୁ ପାଣ୍ଡବ ପକ୍ଷରେ ଯୋଗଦେବା ପାଇଁ ଯେଉଁ ଯୁକ୍ତି ସବୁ କରିଛନ୍ତି, ତାହା ଭିତରେ ଏହି ପ୍ରଲୋଭନ ମଧ୍ୟ ଅଛି ଯେ ସେ ପାଣ୍ଡବ ବୋଲି ସ୍ୱୀକୃତ ହେବା ସଙ୍ଗେ ସଙ୍ଗେ ଦ୍ରୌପଦୀର ଷଷ୍ଠ ଦିବସର ଅଧିକାରୀ ହେବେ। ମୂଳ ମହାଭାରତରେ ବର୍ଣ୍ଣିତ ଏହି ପ୍ରସଙ୍ଗ ନାରୀ ମନକୁ ବିଚାରକୁ ନନେଇ ତାଙ୍କ ଦୈହିକ ସତ୍ୟତାକୁ ଏକ ଦାବି ରୂପେ ଧରାଇ ଦେଇଛି। କିନ୍ତୁ ଆଲୋଚକଙ୍କ ମତରେ ଶୁଦ୍ରକବି ନିଜ ମହାଭାରତରେ ପୌରାଣିକ, ଧାର୍ମିକ, ମନସ୍ତାତ୍ତ୍ୱିକ ଆଦି ଦିଗରୁ ଯାହା ଏକାନ୍ତ ସ୍ୱାଭାବିକ ତାହାକୁ ସତ୍ୟଆତ୍ମ ଉପାଖ୍ୟାନରେ ଦ୍ରୌପଦୀର ସ୍ୱୀକାରୋକ୍ତି ମାଧ୍ୟମରେ ବର୍ଣ୍ଣନା କରିଛନ୍ତି। ସାରଳା ଦାସ କେବଳ ଲୋକ ଉପାଦାନକୁ ନେଇ ଆଖ୍ୟାନ ସୃଷ୍ଟି କରିନାହାନ୍ତି, ସାଧାରଣ ଲୋକଚରିତ୍ରର ଚାରିତ୍ରିକ ଦିଗକୁ ମଧ୍ୟ ଦର୍ଶାଇଛନ୍ତି। ଆମ ଲୋକସାହିତ୍ୟର ଅନ୍ୟତମ ଉପାଦାନ ମଇଁଷିଆଳ ଗୀତରେ ବର୍ଣ୍ଣିତ ଅଛି, ମଇଁଶିଆଳ ନିଜ କର୍ମରେ ବ୍ୟସ୍ତ ରହି ରାତି ରାତି ଘରକୁ

DOI: 10.70541/BAGEESHA/2025030405

VOL NO 03 ISSUE NO 04

ଫେରେନାହିଁ। ତା' ସ୍ତ୍ରୀ ଯାବତୀୟ କାମ ସାରି ସମସ୍ତଙ୍କ ଗଂଜଣା ସହି ଯେତେବେଳେ ସ୍ୱାମୀକୁ ଅପେକ୍ଷାକରେ ସେତେବେଳେ ତା' ସ୍ୱାମୀ ତା' ପାଖରେ ନଥାଏ। ଆମ ଲୋକଗୀତ ଗାଇଛି- "ଚିତାକୁଟାଇଲୁ ଓଠରେ କାଳିଆ, ଚିତା କୁଟାଇଲୁ ଓଠେ/ ଯାହା ଲାଗି ଚିତା କୁଟାଇଥିଲୁରେ ବେହେରା ରହିଚି ମଇଁଷି ଗୋଠେ।"[୬] ପଂଚସ୍ୱାମୀର ସ୍ତ୍ରୀ ଦ୍ରୌପଦୀଙ୍କ ହୃଦୟରେ ଏପରି ଏକ ଶୁନ୍ୟତାକୁ ସାରଳା ଦାସ କ'ଣ ଅନୁଭବ କରିଥିଲେ କି?

ସାରଳା ଆଲୋଚକମାନେ ବିଶ୍ୱାସ କରନ୍ତି ଯେ ଦାସ କବି ମୁର୍ଖ ନୁହନ୍ତି, ପଣ୍ଡିତ ଥିଲେ। ସୁସମାଲୋଚକ ଶ୍ୟାମସୁନ୍ଦର ରାଜଗୁରୁ ମନେପଡ଼ନ୍ତି- "ବେଶି ନୋହୁ, କିଛି ହେଲେ ସଂସ୍କୃତ ଜାଣିନଥିଲେ ଖଣ୍ଡେ ନାହିଁ, ଦୁଇଖଣ୍ଡ ନାହିଁ, ଅଠର ଖଣ୍ଡ ଭାରତର ପଦ୍ୟାନୁବାଦ କରିପାରନ୍ତେ?"[୭] ମାତ୍ର ମାୟାଧର ମାନସିଂହ ଦର୍ଶାଇଛନ୍ତି, କୃଷକ କବି ପଣ୍ଡିତ ନଥିଲେ। ତାଙ୍କ ପାଖରେ ପାଣ୍ଡିତ୍ୟ ଅପେକ୍ଷା ପ୍ରତିଭା ବଡ଼ ଥିଲା- "ମୁଁ ସାରଳା ଦାସଙ୍କଠି ଉଚ୍ଚକୋଟୀର ପ୍ରତିଭା ଦେଖି ପାରୁଛି, କିନ୍ତୁ ପାଣ୍ଡିତ୍ୟ କେଉଁଠି ଦେଖିଲି ନାହିଁ।"[୮] ଆଲୋଚକ ପାଣ୍ଡିତ୍ୟ କହିଲେ କ୍ଲାସିକାଲ ସ୍କୋଲାରସିପ୍ ବୋଲି ବୁଝନ୍ତି। ସଂସ୍କୃତରେ ଗଭୀର ଜ୍ଞାନ ବ୍ୟତୀତ କିପରି କେହି ପଣ୍ଡିତ ବୋଲାଇବେ- ଏହି ପ୍ରଶ୍ନ ଆଲୋଚକ ଉଠାଇଛନ୍ତି । ଅଧିକନ୍ତୁ ତାଙ୍କ ଯୁକ୍ତି ହେଉଛି, ଯଦି ଆମେ ସାରଳା ଦାସ ପଣ୍ଡିତ ଥିଲେ ବୋଲି ଧରିବା , ତେବେ ସେ କାହିଁକି ଜାଣି ଜାଣି ଅନେକ ଭ୍ରମାତ୍ମକ ତଥ୍ୟ ଓ ବିବରଣୀ ପ୍ରଦାନ କରିଛନ୍ତି? ଆଲୋଚକ କେଉଁଠି ନା କେଉଁଠି ଦାସକବିଙ୍କୁ ପଲ୍ଲୀ ନିବାସୀ ମାତୃଭାଷା ଜାଣିଥିବା ଜଣେ ସାଧାରଣ କୃଷିକାରୀ ବୋଲି କହନ୍ତି। ସମାଲୋଚକମାନେ ମୂଳ ଓ ସାରଳା ମହାଭାରତକୁ ତୁଳନା କରି ଅନେକ ଦୋଷ ଦୁର୍ବଳତା ଦେଖାଇଛନ୍ତି। ମାତ୍ର ଲେଖକ କହନ୍ତି-"ଆମର ସେଥିରେ ବିକ୍ଷୋଭିତ ଓ ଲଜ୍ଜିତ ହେବାର କୌଣସି କାରଣ ନାହିଁ। ସିଦ୍ଧେଶ୍ୱର ପରିଡ଼ାଙ୍କର ପାରିପାର୍ଶ୍ୱିକତା ଓ ପଶ୍ଚାତପଟକୁ ଅନାଇଲେ ଏହି ଦୋଷଗୁଡ଼ିକର ସ୍ଥିତି ଆମକୁ କୁଣ୍ଠ ଭାବରେ ମାନିନେବାକୁ ହେବ।"[୯] ଆଲୋଚକଙ୍କ ମତରେ ସଂସ୍କୃତ ମହାଭାରତ ଗୋଟିଏ ଲୋକର କୃତିତ୍ୱ ନୁହେଁ। ସେହିପରି ତେଲୁଗୁ ମହାଭାରତ ପ୍ରସିଦ୍ଧ ସଂସ୍କୃତପଣ୍ଡିତ କବିତ୍ରୟଙ୍କଦ୍ୱାରା ରଚିତ। ବଙ୍ଗଳା ମହାଭାରତ ମୁସଲମାନ୍ ଶାସକମାନଙ୍କ ପ୍ରେରଣାରେ ସପ୍ତଦଶ ଶତାବ୍ଦୀରେ କାଶୀରାମଙ୍କଦ୍ୱାରା ରଚିତ। କାଶୀରାମ ସଂସ୍କୃତଜ୍ଞ ବ୍ରାହ୍ମଣ ପଣ୍ଡିତ ଥିଲେ। ମାତ୍ର ସାରଳା ମହାଭାରତ ଜଣେ ଲୋକଙ୍କଦ୍ୱାରା ରଚିତ। ସେ ପୁଣି ପଲ୍ଲୀନିବାସୀ ଅର୍ଦ୍ଧଶିକ୍ଷିତ କୃଷକ। ମାନସିଂହ ଦର୍ଶାନ୍ତି ଯେ, ମୂଳ ମହାଭାରତ ଅପେକ୍ଷା ସାରଳା ମହାଭାରତ ଅଧିକ ସମର ଓ ଲୌକିକ କାବ୍ୟ। ମୂଳମହାଭାରତର ସମସ୍ତ ଚରିତ୍ର ଆଦର୍ଶମୂଳକ। ସଂଗ୍ରଛିତ ହିତୋପଦେଶ ସବୁ ଉଚ୍ଚବର୍ଗଙ୍କ ନିମନ୍ତେ ଅଭିପ୍ରେତ। ମାତ୍ର ସାରଳାଙ୍କ ଚରିତ୍ର ବା ବାଣୀ ସାଧାରଣ ଜନତାଙ୍କର, ଯାହା ଲୋକ ବିଚାରରେ ଅଧିକ ବିଶ୍ୱାସନୀୟ। ଶ୍ରୀକୃଷ୍ଣଙ୍କ ପୁତ୍ର ପ୍ରଦ୍ୟୁମ୍ନ ଓ ଭିଖାରୀ ବ୍ରାହ୍ମଣପୁତ୍ରଙ୍କ ଖେଳକୌତୁକ ଓ ଝଗଡ଼ା, ଶିବପୁରର ବ୍ରାହ୍ମଣ ଚଣ୍ଡାଳ ପ୍ରସଙ୍ଗ ପ୍ରଭୃତି ଆଖ୍ୟାନ ଦେଇ ସେ ଏହା ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି।

ଉପସଂହାର: ଆତ୍ମଜୀବନୀଗୁଡ଼ିକ ଓଡ଼ିଶାର ସଭ୍ୟତା, ସଂସ୍କୃତି, ଧର୍ମନୀତି, ରାଜନୀତି, ଦାର୍ଶନିକ ଚିନ୍ତାଧାରା, ଲୋକ ବିଶ୍ୱାସ, ସାମାଜିକ ଆଚାର ବ୍ୟବହାର, ମଣିଷ ମନର ଆବେଗ ପରି ବିବିଧ ବିଷୟ ସାରଳା ମହାଭାରତରେ ସ୍ଥାନିତ। ଆଲୋଚକ ସାରଳା ଦାସଙ୍କ ମୌଳିକ ବୈଶିଷ୍ଟ୍ୟ ପ୍ରତିପାଦନ କରି ମତ ଦିଅନ୍ତି-"ଏହା ଓଡ଼ିଆ ଜାତିର ପ୍ରକୃତ ନାଶନାଲ୍ ଏପିକ୍ ବା ଜାତୀୟ ମହାକାବ୍ୟ।"[୧୦] ମାନସିଂହଙ୍କ ପୂର୍ବରୁ ଯେତେସବୁ ଆଲୋଚନା ହୋଇଛି ମାନସିଂହ ସେ ଦିଗସବୁକୁ ଛାଡ଼ି ନୂତନ ଆତ୍ମିକ ଦିଗରୁ ସାରଳାଙ୍କୁ ଆଲୋଚନା କରିଥିବାର ଦେଖାଯାଏ। ସେ ସାରଳା ମହାଭାରତର କେତେକ ଚରିତ୍ରକୁ ସଂସ୍କୃତ ମହାଭାରତ ସହ ତୁଳନା କରିଛନ୍ତି। ଭୀଷ୍ମ, ଧୃତରାଷ୍ଟ୍ର, ଗଙ୍ଗା, ଦ୍ରୌପଦୀ, କୁନ୍ତୀ, ଭୀମ, ଯୁଧିଷ୍ଠିର ଆଦି ଚରିତ୍ରକୁ ଗ୍ରହଣ କରି କେତେକ ଆଖ୍ୟାନକୁ ମୂଳ ମହାଭାରତ ସହ ତୁଳନା କରିଥିବାର ଦେଖାଯାଏ। କିନ୍ତୁ 'ମାଟିର ମହାକବି ସାରଳା ଦାସ' ଆଲୋଚନା ପୁସ୍ତକରେ ମହାଭାରତର ସମସ୍ତ ପ୍ରମୁଖ ଚରିତ୍ରକୁ ଆଲୋଚନା ପରିସରଭୁକ୍ତ କରିପାରିନାହାନ୍ତି। ଏଥିପାଇଁ ଏକ ସ୍ୱତନ୍ତ୍ର ଅଧ୍ୟୟନର ଆବଶ୍ୟକତା ରହିଛି।

ସଙ୍କେତସୂଚୀ:

୧) ମାନସିଂହ, ମାୟାଧର। ୧୯୫୮। ମାଟିର ମହାକବି ସାରଳା ଦାସ। ପ୍ରଥମ ସଂସ୍କରଣ। ବ୍ରହ୍ମପୁର: ଦାସ ବ୍ରଦର୍ସ। ପୃଷ୍ଠା -୩।

୨) ତତ୍ରୈବ। ପୃଷ୍ଠା -୨।

୩) ତତ୍ରୈବ। ପୃଷ୍ଠା -୧୦।

୪) ମହାନ୍ତି, ଆର୍ତ୍ତବଲ୍ଲଭ ସଂ. । ୧୯୬୫। ସାରଳା ମହାଭାରତ-ଆଦିପର୍ବ(୧ମ ଖଣ୍ଡ)। ଭୁବନେଶ୍ୱର: ସାଂସ୍କୃତିକ ବ୍ୟାପାର ବିଭାଗ, ଓଡ଼ିଶା ସରକାର। ପୃଷ୍ଠା-୨୩

୫) ଅଜ୍ଞାତ ସଂକଳକ। ୧୯୭୧। ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ। କଟକ: କଟକ ଷ୍ଟୁଡ଼େଂଟସ ଷ୍ଟୋର। ପୃଷ୍ଠା-୨୩୭

୬) ପ୍ରଧାନ, କୃଷ୍ଣଚନ୍ଦ୍ର। ୨୦୧୯। ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି। ଅଷ୍ଟମ ମୁଦ୍ରଣ। କଟକ: ବିଦ୍ୟାପୁରୀ। ପୃଷ୍ଠା-୨୭।

୭) ରାଜଗୁରୁ, ଶ୍ୟାମସୁନ୍ଦର। ୧୯୧୭। ପ୍ରବନ୍ଧାବଳୀ। କଟକ: ଉତ୍କଳ ସାହିତ୍ୟ ପ୍ରେସ୍। ପୃଷ୍ଠା-୪୭ ।

୮) ମାନସିଂହ, ମାୟାଧର। ୧୯୫୮। ମାଟିର ମହାକବି ସାରଳା ଦାସ। ପ୍ରଥମ ସଂସ୍କରଣ। ବ୍ରହ୍ମପୁର: ଦାସ ବ୍ରଦର୍ସ। ପୃଷ୍ଠା -୪୮।

୯) ତତ୍ରୈବ। ପୃଷ୍ଠା -୬୨।

୧୦) ତତ୍ରୈବ। ପୃଷ୍ଠା-୧୨।

DOI: 10.70541/BAGEESHA/20250304 05

VOL NO 03 ISSUE NO 04

Funding
No funding was received for conducting this study.

Does this Article screened for similarity?
Yes

Conflict of interest
The Author has no conflicts of interest to declare that they are relevant to the content of this Article.

About the licenses
© **Nilophar Parwin 2025.** The text of this Article is open access and licensed under a Creative Commons Attribution 4.0 International license.

Cite this Article :
Parwin, Nilophar, "Manasinhanka Drustire 'Sarala Das", Bageesha, Vol. No. 03, Issue No. 04, May-June 2025, Article No: BM2025/04-A005| Page- 36-40| DOI: https://doi.org/10.70541/BAGEESHA/2025030405

DOI: 10.70541/BAGEESHA/2025030405

VOL NO 03 ISSUE NO 04